# Akashvani, Sambalpur

## SAMBALPURI NEWS BULLETIN

### 24 June 2025- 6.47- 6.52 am.

*******************************************

ଓଡ଼ିଶା ଶ୍ରମିକ୍ କଲ୍ୟାଣ୍ ବୋର୍ଡ଼୍ ବୈଠକ୍  ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଶ୍ରମିକ୍ କଲ୍ୟାଣ୍ ବୋର୍ଡ଼୍‌ର କର୍ମଚାରୀମାନ୍‌କର୍ ମେଧାବୀ ଛୁଆମାନ୍‌କୁ ୧ ଲାଖ୍ ଟଙ୍କାର୍ ଏକକାଳୀନ ଛାତ୍ରବୃତି ଦେବାର୍‌କେ ରାଜ୍ୟ ସର୍‌କାର୍ ଅନୁମୋଦନ୍ କରିଛନ୍ । ଗଲାକାଏଲ୍ ଇ ବାବ୍‌ଦେ ଶ୍ରମ ଆଉ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍‌ର ବିଭାଗୀୟ ସମ୍ମିଳନୀ କକ୍ଷ ନ ଓଡ଼ିଶା ଶ୍ରମିକ୍ କଲ୍ୟାଣ୍ ବୋର୍ଡ଼୍‌ର ୩ ନମ୍ବର୍ ବୈଠକ୍ ଥି ଇ ନିଷ୍ପତି ନିଆଯାଇଛେ । ଇତାର୍‌ଛଡ଼ା ପ୍ରାକୃତିକ ମୃତ୍ୟୁ କ୍ଷେତ୍ରଥି ୫୦ ହଜାର୍ ଆଉ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରଥି ୧ ଲାଖ୍ ଟଙ୍କା ଦେବାର୍ ଉପ୍‌ରେ ଭିଲ୍ ଆଲୋଚନା କରାଯାଇଥିଲା ।

ରାଜ୍ୟପାଳ-ନିଶାନିବାରଣ୍                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଧୈର୍ଯ୍ୟ ସାହସ୍ ଆଉ ଉପଯୁକ୍ତ ମାର୍ଗଦର୍ଶନ୍ ଜରିଏ ନିଶା ନିବାରଣ୍ ହେଇପାର୍‌ବା ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍, ଗଲାକାଏଲ୍ ରାଜ୍‌ଭବନ୍‌ର ନ୍ୟୁ ଅଭିଷେକ୍ ହଲ୍ ଠାନେ ଆୟୋଜିତ ହେଇଥିବା ନିଶା ନିବାରଣ୍ ବାବଦ୍ ସଚେତନତା ଅଭିଯାନ୍‌ଥି ଉଦ୍‌ବୋଧନ୍ ଦେଇକରି ରାଜ୍ୟପାଲ୍ କହିଛନ୍ ଯେ, ନିଶା ନିବାରଣ୍ ଗୁଟେ ଜଲ୍‌ଦି ସମାଧାନ୍‌ର ପ୍ରସଙ୍ଗ ନୁହେଁସେ । ଇଟା ଖାଲି ଗୁଟେ ବ୍ୟକ୍ତି ନୁହେଁ, ପରିବାର୍ ଆଉ ସମାଜ୍‌କେ ପ୍ରଭାବିତ୍ କର୍‌ସି । ସେନ୍ତା ପୁର୍‌ଥି ନ ବଢୁଥିବା ସାଇବର୍ ଅପରାଧ୍ ଦିଗେ ସୁରକ୍ଷା ଲାଗି ବ୍ୟାପକ ଜନସଚେତନତା ଜରୁରୀ ଆଏ ବଲି ରାଜ୍ୟପାଲ୍ ଡକ୍ଟର୍ କମ୍ଭମ୍‌ପାଟି କହିଛନ୍ ।

ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନା ଅବଧି ବୃଦ୍ଧି ଆର୍‌ଏନ୍‌ୟୁ ସମ୍ବଲପୁର

ରାଜ୍ୟର୍ ସବୁ ଗାଁକେ ମିଲ୍‌ବା ସବୁଦିନିଆ ରାସ୍ତା । ଇଥିର୍‌ଲାଗି ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍ ତର୍‌ଫୁ ରାଏଜେ କାମ୍ କରୁଥିବା ମୁଖ୍ୟମନ୍ତ୍ରୀ ସଡ଼କ୍ ଯୋଜ୍‌ନାର୍ ଅବଧିକେ ଫେର୍‌ଘାଏ ବଢ଼ାଯାଇଛେ । ଇ ଯୋଜ୍‌ନା ଆଏବା ୬ ବଛର୍‌ତକ୍ ଚାଲୁ ରହେବା । ଇଥିର୍‌ଲାଗି ସର୍‌କାର୍ ଆଉ ୫ ଶହ ୫୦ କୋଟି ଟଙ୍କା ଖର୍ଚ୍ଚା କର୍‌ବେ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସମ୍ବିଧାନ୍ ହତ୍ୟା ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା କାଏଲ୍ ରାଜ୍ୟର୍ ସବୁ କଲେଜ୍ ଆଉ ବିଶ୍ୱବିଦ୍ୟାଲୟମାନ୍‌କେ ସମ୍ବିଧାନ୍ ହତ୍ୟା ଦିବସ୍ ପାଲନ୍ କରାହେବା । ଛାତ୍ରଛାତ୍ରୀ ଆଉ ଅଧ୍ୟାପକ୍‌ମାନ୍‌କୁ ନେଇକରି ଇ ଅବ୍‌ସରେ ସାମୂହିକ୍ ସଚେତନତା ଯାତ୍ରାର୍ ଆୟୋଜନ୍ କରାଯିବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସବୁ ବିଶ୍ୱବିଦ୍ୟାଲୟ କୁଳସଚିବ ଆଉ କଲେଜ୍‌ର ଅଧ୍ୟକ୍ଷ ମାନ୍‌କୁ ଚିଠି କରାଯାଇଛେ । ଇ ଅବ୍‌ସରେ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ପ୍ରବନ୍ଧ, ବକ୍ତୃତା ପ୍ରତିଯୋଗିତା, କର୍ମଶାଳା ଆର୍ ପ୍ରଦର୍ଶନୀ ମାନ୍ କରାହେବା ।

ରାଜସ୍ୱ ମନ୍ତ୍ରୀ-ସମ୍ବଲ୍‌ପୁର୍ ସମ୍ବଲପୁର ସମ୍ବାଦଦାତା

ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଗଲାକାଏଲ୍ ସମ୍ବଲ୍‌ପୁର୍‌ର ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ଆଉ ପଟ୍ଟନାୟକ୍ ପଡ଼ା ଉଚ୍ଚପ୍ରାଥମିକ ବିଦ୍ୟାଳୟକେ ପରିଦର୍ଶନ୍ କରିଛନ୍ । ସ୍କୁଲ୍ ଖୁଲ୍‌ବାର୍ ଉତ୍‌ରୁ କେନ୍ତା ଭାବେ ପାଠ୍‌ପଢ଼ା ଚାଲିଛେ ତାକେ ନେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍‌କର୍ ସାଙ୍ଗେ ଗୁଣାତ୍ମକ ଶିକ୍ଷା ବାବ୍‌ଦେ ଆଲୋଚନା କରିଛନ୍ । ମନ୍ତ୍ରୀ ଶ୍ରୀ

ପୂଜାରୀ ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ଶ୍ରେଣୀ ଗୃହ ନ ବସିକରି ପାଠ୍ ପଢ୍‌ବାର୍ ସହେତେ ମଧ୍ୟାହ୍ନ ଭୋଜନ୍ ଭିଲ୍ ଖାଇଛନ୍ ।

ବନକଲାଗି ନୀତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଅଣସର ଚତୁର୍ଦ୍ଦଶୀ ଅବ୍‌ସରେ ଆଏଜ୍ ମାହାପୁରୁମାନ୍କର୍ ବନକଲାଗି ନୀତି ହେବା । ଦତ ମହାପାତ୍ର ସେବକ୍‌ମାନେ ଅଣସର ପାଳିଥି ହବିଷାନ୍ନଥି ରହିକରି ଇ ସେବା କର୍‌ବେ । ୨ ଦିନ୍ ଧରିକରି ଶ୍ରୀମନ୍ଦିର୍ ନ ମାହାପୁରୁମାନ୍କର୍ ବନକଲାଗି ନୀତି ହେବା । ସେଆଡ଼େ ଗଲାକାଏଲ୍ ତ୍ରୟୋଦଶୀ ତିଥି ନ ମାହାପୁରୁମାନ୍କର୍ ଘଣାଲାଗି ନୀତି ହେଇଯାଇଛେ ।

ହୀରାକୁଦ୍ ଦୁଃସାହସିକ ଜଳକ୍ରୀଡ଼ା ଆର୍‌ଏନ୍‌ୟୁ/ ସମ୍ବଲପୁର

ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଖୋବ୍ ଜଲ୍‌ଦି ପର୍ଯ୍ୟଟକ୍‌ମାନେ ଦୁଃସାହସିକ ଜଳକ୍ରୀଡ଼ାର୍ ମଜା ନେଇପାର୍‌ବେ । ଇଥିର୍‌ଲାଗି ଗୋଆର ଜାତୀୟ ଜଳକ୍ରୀଡ଼ା ଅନୁଷ୍ଠାନ୍ ତର୍‌ଫୁ ପରୀକ୍ଷଣ କରାଯାଉଛେ । ଇ ବାବ୍‌ଦେ ବର୍ଷେ ଭିତ୍‌ରେ ଇ ଅନୁଷ୍ଠାନ୍ ରିପୋର୍ଟ ଦେବା । ଜାତୀୟ ୱାଟର୍ ସ୍ପୋର୍ଟସ୍

ଅନୁଷ୍ଠାନ୍ ତରଫୁ ୩ ଝନିଆ ଦଲ୍ ଇ ପରୀକ୍ଷଣ୍ କରିଥିବା ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସୂଚ୍‌ନା ଦେଇଛନ୍ ।

ଟ୍ରମା କେୟାର୍-ଭିମ୍‌ସାର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଓଡ଼ିଶା ନ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକେ ରୁକ୍‌ବାର୍ ଲାଗି ଖୋବ୍ ଜଲ୍‌ଦି ବଡ଼ ପଦକ୍ଷେପ୍ ନିଆଯିବା । ଇ ବାବ୍‌ଦେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଆଉ ସ୍ୱାସ୍ଥ୍ୟ ବିଭାଗ୍‌ର ମିଲିତ୍ ଚେରେଷ୍ଟାଥି ଏମର୍‌ଜେନ୍ସି ଆଉ ଟ୍ରମା କେୟାର୍ ନାଁଥି ଗୁଟେ ଖାସ୍ ଯୋଜ୍‌ନା ମୁଲ୍ କରାଯାଇଛେ । ପଶ୍ଚିମ ଓଡ଼ିଶାର୍ ୭ ଟା ଜିଲ୍ଲା ସମ୍ବଲ୍‌ପୁର୍, ନୂଆପଡ଼ା, ବଲାଙ୍ଗିର୍, ସୁବର୍ଣ୍ଣପୁର୍, ଦେବ୍‌ଗଡ଼୍, ବର୍‌ଗଡ଼୍, ବୌଦ୍ଧ କେ ନେଇକରି ବୁର୍ଲା ଭୀମ୍‌ସାର୍ ମେଡ଼ିକାଲ୍ କଲେଜ୍ ଠାନେ ଗୁଟେ ଦୁର୍ଘଟଣା ଜନିତ ଚିକିତ୍ସା ଲାଗି ପ୍ରଶିକ୍ଷଣ କେନ୍ଦ୍ର ଖୁଲାଯିବା । ଡାକ୍ତର୍ ଆଉ ସ୍ୱାସ୍ଥ୍ୟ କର୍ମୀ ମାନେ ତାଲିମ୍ ପାଇକରି ଅଲ୍‌ଗା ଟ୍ରମା କେୟାର୍ ସେଂଟର୍ ଠାନେ ନିୟୋଜିତ ହେବେ ବଲି ସ୍ୱାସ୍ଥ୍ୟ ବିଭାଗ୍ ତରଫୁ କୁହାଯାଇଛେ ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତରଫୁ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଲୟ ଠାନେ ପୋକ୍‌ସୋ ଆଇନ୍ ଆଉ ଜେ.ଜେ.-ସି.ପି.ସି.

ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଆଇନ୍ ଅଧୀନ୍‌ଥି ପିଡ଼ିତ ମାନ୍‌କୁ ନିର୍ଦ୍ଧାରିତ୍ କ୍ଷତିପୂରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କରାଯାଇଥିଲା । ମହିଲା ଆଉ ଛୁଆମାନ୍‌କର୍ ଉପ୍‌ରେ ହଉଥିବା ନିର୍ଯାତନାକେ ରୁକ୍‌ବାର୍ ଆଉ ସେମାନ୍‌କର୍ ସୁରକ୍ଷା ଦିଗେ ଥିବା ଆଇନ୍‌ର ଉପଯୋଗ୍ କର୍‌ବାର୍ ହେଉଛେ ଇ କାର୍ଯ୍ୟକ୍ରମ୍‌ର ମୁଖ୍ୟ ଲକ୍ଷ୍ୟ ।

ଓଡ଼ିଶା ବିଧାନ୍‌ସଭା ଗୃହ କମିଟି-ବୌଦ୍ଧ        ବୌଦ୍ଧ ସମ୍ବାଦଦାତା

ଓଡ଼ିଶା ବିଧାନ୍‌ସଭା ଗୃହ କମିଟି ଗଲାକାଏଲ୍ ବିଧାୟକ୍ ଲକ୍ଷ୍ମଣ୍ ବାଗ୍‌ଙ୍କର୍ ନେତୃତ୍ୱଥି ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ । ଇ ଅବ୍‌ସରେ କମିଟି ବୌଦ୍ଧ ବ୍ଲକ୍ ଖୁଂଟ୍‌ବନ୍ଧ ମାର୍କେଟ୍‌ୟାର୍ଡ଼, ମୁର୍ଷୁଣ୍ଡି ଉଚ୍ଚପ୍ରାଥମିକ୍ ବିଦ୍ୟାଳୟ ଆଉ ସରଣ୍ଡା ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ୍ କରିଛନ୍ ।

ଓଡ଼ିଶା ବାଳିକା ଦଲ୍ ବ୍ରୋଂଚ୍ ପଦକ        ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାରାଷ୍ଟ୍ର ନ ହେଇଥିବା ୩୦ ନମ୍ବର୍ ଜାତୀୟ ସବ୍‌ଜୁନିୟର୍ ଥ୍ରୋବଲ୍ ଚମ୍ପିଆନ୍‌ସିପ୍‌ଥି ଓଡ଼ିଶା ବାଳିକା ଦଲ୍ ବ୍ରୋଂଚ୍ ପଦକ୍ ଜିତିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ । ଗଲାକାଏଲ୍ ଓଡ଼ିଶା ଦଲ୍ କ୍ୱାଟର୍ ଫାଇନାଲ୍‌ଥି ୨-୧ ଗୋଲ୍‌ଥି ତାମିଲ୍‌ନାଡୁକେ ହରେଇକରି

ସେମିଫାଇନାଲ୍‌ଥି ଯାଇଥିଲା । ସେମିଫାଇନାଲ୍‌ଥି କେରଳ ଦଲ୍‌କେ ୨-୧ ଗୋଲ୍‌ଥି ହରେଇକରି ବ୍ରୋଂଚ୍ ପଦକ୍ ହାସଲ୍ କରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାର୍‌ନୁ ବଡ଼ଭାଗୀ ଇଲାକା ନ ବର୍ଷା ଲାଗି ରହିଛେ । ସେନ୍ତା ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ଇତାର୍ ପାଖାପାଖି ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ବନ୍‌ବାର୍ ସମ୍ଭାବନା ଦେଖାଦେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ହପ୍ତତକ୍ ରାଏଜେ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।